# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୭ ମସିହା ଡିସେମ୍ବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ❖ ଶତକଡା ୮୦ ଭାଗ ଧାନ ପାଚିଗଲେ କାଟି ଦିଅନ୍ତୁ । ଧାନ ଅମଳ କରି ଭଲ ଭାବରେ ଶୁଖାଇ ଦିଅନ୍ତୁ । ଏହାର ଭଲ ମୂଲ୍ୟ ପାଇବା ପାଇଁ ନ ମିଶାଇ ଅଲଗା ଅଲଗା କିସମ ଅଲଗା ବସ୍ତାରେ ରଖନ୍ତୁ ।
- ❖ ଧାନ କାଟି ବିଲରେ ଥିବା ସମୟରେ କେଣ୍ଡା କଟା ସାଁବାଳୁଆ ଦେଖା ଦେବାର ସମ୍ଭାବନା ଅଧିକ ଥାଏ । ସେଥିପାଇଁ ସାଁବାଳୁଆ ଦେଖାଦେଲେ ବିଲର ହିଡରେ ମାଲାଥିଅନ (୫%) ଗୁଣ୍ଡ ପ୍ରୟୋଗ କରନ୍ତୁ ।
- ❖ ଧାନ ଅମଳ ପରେ କଳରେ ଚାଉଳ କରିବା ପାଇଁ ଶତକଡ଼ା ୧୪ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ । ମାତ୍ର ବିହନ ପାଇଁ ରଖିବାକୁ ଥିଲେ ଶତକଡା ୧୨ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ ।
- ❖ ଜଳସେଚିତ ମଧ୍ୟମ କିସମ ଜମିରେ ଧାନ ଅମଳ ପରେ ଆଳୁ, ସୂର୍ଯ୍ୟମୁଖୀ, ଶୀତଦିନିଆ ମକା, ପନିପରିବା ଇତ୍ୟାଦି ଚାଷ କରନ୍ତୁ ।
- ❖ ଧାନ ଅମଳ ପରେ ବିଲରେ ବତର ଦେଖି ମୁଗ, ବିରି (TARM-୧, ସମ୍ରାଟ, OUM-୧-୫, PDM-୫୪, ବିରାଟ, IPM-୨-୩, SML-୬୬୮) ଇତ୍ୟାଦି ବୁଣାବୁଣି ସାରି ଦିଅନ୍ତୁ ।
- ❖ ବିହନ ନିଜ ପାଇଁ ପରବର୍ତ୍ତୀ ଋତୁରେ ବ୍ୟବହାର କରିବାର ଥିଲେ ଭଲ ଭାବରେ ପାକଳ ହୋଇଥିବା ସୁସ୍ଥ ଏବଂ ମିଶାମିଶି ନଥିବା ଧାନ ବିଲରୁ  ସଂଗ୍ରହ କରି ଭଲ କରି ଶୁଖାଇ ଝୋଟ ଅଖାରେ ସାଇତି ରଖନ୍ତୁ ।
- ❖ ଡାଲୁଅ ଧାନ କରିବାର ଥିଲେ ଭଲ ଗୁଣାତ୍ମକ ମାନ ଥିବା କିସମର ବିହନ ବ୍ୟବହାର କରନ୍ତୁ । CR Dhan-୬୦୧, CR Dhan-୨୦୩, CR Dhan-୨୦୫, CR Dhan-୨୦୬, ଚନ୍ଦନ, ଲଲାଟ, ନବୀନ, MTU-୧୦୧୦, ଲବଣାକ୍ତ ବିଲ ପାଇଁ ଲୁଣାସଂକ୍ଷୀ ଇତ୍ୟାଦି ଡାଲୁଅ ଧାନ ହିସାବରେ ବ୍ୟବହାର କରନ୍ତୁ ।
- ❖ ଡାଲୁଅ ଧାନ ଚାଷ ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ ।

******